## ସଂକ୍ଷେପରେ

### ମହାଲକ୍ଷ୍ମୀ ମନ୍ଦିରରେ ବନଯୋଗ, ରତ୍ନମୁଦ୍ରା

ବ୍ରହ୍ମପୁର ଅଫିସ,୨୮।୧୧: ସ୍ଥାନୀୟ ଲାଞ୍ଜିପଲ୍ଲୀ ରାମନଗରରେ ନବନିର୍ମିତ ମହାନଗରର ପ୍ରଥମ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଗୁରୁବାର ପଞ୍ଚମ ଦିବସରେ ବନଯାଗ ଓ ରତ୍ନମୁଦ୍ରା ବିଧି ପାଳିତ ହୋଇଥିଲା । ୮ ଦିନିଆ ମହୋତ୍ସବ ଆସନ୍ତା ୧ ତାରିଖରେ ଉଦ୍‌ଯାପିତ ହେବ । ସୂଚନାଯୋଗ୍ୟ, ରେଶମ ନଗରୀରେ ଆରାଧ୍ୟ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ସମେତ ଅନେକ ଦେବାଦେବୀ ମନ୍ଦିର ରହିଛି ।

### ପୋଲିସ ପରିଚୟ ଦେଇ ସୁନାଗହଣା ଲୁଟ୍

ବ୍ରହ୍ମପୁର ଅଫିସ,୨୮।୧୧: କିଛିଦିନ ନୀରବତା ପରେ ପୁଣିଥରେ ଲୁଟେରା ଗ୍ୟାଙ୍ଗ ପୋଲିସ ପରିଚୟ ଦେଇ ଜଣେ ବ୍ୟବସାୟୀଙ୍କଠାରୁ ଅଭିନବ ଉପାୟରେ ୪ ଭରି ସୁନା ଗହଣା ଲୁଟି ନେଇଛନ୍ତି । ଲୁଟର ଶିକାର ହୋଇଥିବା ବ୍ୟବସାୟୀ ପକଲୱାରି ସାହିରେ ରହୁଥିବା ଅପଲ ରାଜୁ (୪୭) । ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟା ବେଳେ ବଡ଼ବଜାର ଥାନା ଅନ୍ତର୍ଗତ ଭେଙ୍କଟେଶ୍ୱର ମନ୍ଦିର ନିକଟରେ ଏହି ଘଟଣା ଘଟିଛି । ବଡ଼ବଜାର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେଠାରେ ଥିବା ବିଭିନ୍ନ ପ୍ରତିଷ୍ଠାନରେ ଖଞ୍ଜା ଯାଇଥିବା ସିସି ଟିଭି ଫୁଟେଜ୍ ମଧ ସଂଗ୍ରହ କରି ଅପରାଧୀଙ୍କ ଗତିବିଧି ସମ୍ପର୍କରେ ତନାଘନା ଜାରି ରହିଛି। ନକଲି ପୋଲିସ ପରିଚୟ ଦେଇ ବ୍ୟବସାୟୀଙ୍କ ସୁନାଗହଣା ଲୁଟି ନେଇଥିବା ଘଟଣାରେ ଇରାନୀ ଗ୍ୟାଙ୍ଗର ହାତ ଥିବା ପୋଲିସ ସନ୍ଦେହ କରୁଛି। ଏପରିକି ଲୁଟର ଶିକାର ହୋଇଥିବା ବ୍ୟବସାୟୀ ଜଣକ ପୋଲିସ ନିକଟରେ ଥିବା କେତେକ ଅପରାଧୀଙ୍କ ଫଟୋ ଚିହ୍ନଟ କରିଛନ୍ତି। ଏନେଇ ନଂ.୨୦୮/୧୯ରେ ଏକ ମାମଲା ରୁଜୁ ହୋଇଛି।
ପ୍ରକାଶ ଯେ, ଅପଲ ଭେଙ୍କଟେଶ୍ୱର ମନ୍ଦିର ନିକଟରେ ଥିବା ହୋଟେଲକୁ ଯାଉଥିଲେ। ୨ଜଣ ଯୁବକ ତାଙ୍କୁ ଅଟକାଇ ନିଜକୁ ପୋଲିସ କହିବା ସହ ପରିଚୟପତ୍ର ଦେଖାଇଥିଲେ। ଆଗରେ ପୋଲିସ ଚେକିଂ କରୁଛି । ସେ ପିନ୍ଧିଥିବା ସୁନାଗହଣା ବାହାର କରି ଏକ ରୁମାଲରେ ରଖିବାକୁ କହିଥିଲେ। ପରେ ବ୍ୟବସାୟୀ ଜଣକ ସମସ୍ତ ସୁନା ଗହଣା ନକଲି ପୋଲିସ ଧରିଥିବା ଏକ ରୁମାଲରେ ରଖିଥିଲେ। ଅନ୍ୟ ଏକ ରୁମାଲରେ କେତେକ କାଗଜ ଓ ରଙ୍ଗ ରଖି ତାହାକୁ ବ୍ୟବସାୟୀଙ୍କୁ ଧରାଇ ଦେଇ ଘରକୁ ଚାଲିଯିବାକୁ କହିଥିଲେ। ସମ୍ପୃକ୍ତ ନକଲି ପୋଲିସ ଘଟଣାସ୍ଥଳରୁ ଉଭାନ ହୋଇଯାଇଥିଲେ। ବ୍ୟବସାୟୀ ଜଣକ ଘରକୁ ଯାଇ ଉକ୍ତ ରୁମାଲ ଖୋଲି ଦେଖିବା ବେଳେ ସେଥିରେ କୌଣସି ସୁନା ଗହଣା ନ ଥିଲା। ପରେ ସେ ଏନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସହରର ସମସ୍ତ ମୁଖ୍ୟରାସ୍ତାରେ ନାକାବନ୍ଦି ଜୋରଦାର ଚଳାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି ।

### ରେଳଧାରଣା କଡ଼ରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୮।୧୧:ସରକାରୀ ରେଳବାଇ ପୋଲିସ (ଜିଆରପି) ଗୁରୁବାର ରମ୍ଭା ରେଳଷ୍ଟେଶନ ନିକଟରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ଆନୁମାନିକ ୬୫ ବର୍ଷ ହେବ ବୋଲି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ବୃଦ୍ଧଙ୍କ ପକେଟରୁ ପୋଲିସ ବ୍ରହ୍ମପୁରରୁ ରମ୍ଭା ଏକ ଟ୍ରେନ ଟିକେଟ ପାଇଛି। ପୋଲିସ ମୃତଦେହ ଜବତ କରି ନଂ.୬୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ଚିହ୍ନଟ ପାଇଁ ୭୨ ଘଣ୍ଟା ଯାଏ ଏମ୍‌କେସିଜି ଏଫଏମଟିର ମୃତଦେହ ସଂରକ୍ଷିତ ରଖାଯାଇଛି । ଟ୍ରେନରୁ ଖସିପଡି ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି।

### ମହାଲକ୍ଷ୍ମୀ ପୂଜା ଆରମ୍ଭ

ବୁଗୁଡ଼ା,୨୮।୧୧(ଡି.ଏନ.ଏ.): ବୁଗୁଡ଼ା ବଡ଼ଦାଣ୍ଡ ସାହିରେ ଗୁରୁବାର ତୃତୀୟ ପାଳି ଅବସରରେ ପୂଜା ପରିଚାଳନା କମିଟି ପକ୍ଷରୁ ମହାଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପ୍ରାଣ ପ୍ରତିଷ୍ଠା ସହ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତାଭାବେ ଶ୍ୟାମ ସୁନ୍ଦର ପାଣି ଦାୟିତ୍ୱ ନେଇଥିବାବେଳେ ପୂଜକ ଭାବେ ଦୁର୍ଗାମାଧବ ପାଣି, ମନୋଜ କୁମାର ପଣ୍ଡା, ସୁବ୍ରତ କୁମାର ପଣ୍ଡା ଓ ହର୍ଷବର୍ଦ୍ଧନ ପାଣି କାର୍ଯ୍ୟ ସମ୍ପାଦନ କରିଥିଲେ। ସୁସଜ୍ଜିତ ରଙ୍ଗୀନ ଆଲୋକ ସହ ମେଢ଼ ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା।

## ■ ଏମ୍‌କେସିଜିରେ ନୋଡାଲ୍ ଅଫିସର

# ରୋଗୀ କହିଲେ ଚିକିତ୍ସା ଅବହେଳା ଦୁଃଖ

ବ୍ରହ୍ମପୁର ଅଫିସ,୨୮।୧୧

ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଗୁରୁବାର ବ୍ରହ୍ମପୁର ବଡ ମେଡିକାଲ ପରିଦର୍ଶନରେ ଆସିଥିଲେ। ସରକାରଙ୍କ ପକ୍ଷରୁ ଗତ ୩୦ତାରିଖରେ ବରିଷ୍ଠ ଅଧିକାରୀ ମହାପାତ୍ରଙ୍କୁ ଏମ୍‌କେସିଜିର ନୋଡ଼ାଲ୍ ଅଫିସର ଭାବେ ନିଯୁକ୍ତି ଦେବା ପରେ ଏହା ଥିଲା ତାଙ୍କର ପ୍ରଥମ ଗସ୍ତ। ସେ ମେଡ଼ିକାଲ୍ କର୍ତ୍ତୃପକ୍ଷ ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଚିକିତ୍ସା ସୁବିଧା ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ୱାର୍ଡ଼ ବୁଲି ରୋଗୀମାନଙ୍କ ସହ କଥା ହୋଇଥିଲେ। ଚିକିତ୍ସା ଅବହେଳାଠାରୁ ଆରମ୍ଭ କରି ଅନ୍ୟ ସୁବିଧା ମିଳୁନି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ପୂର୍ବାହ୍ନରେ ମହାପାତ୍ର ଏମ୍‌କେସିଜିରେ ପହଞ୍ଚିଥିଲେ। ପ୍ରଥମେ ଅଧୀକ୍ଷକଙ୍କ ଚାମ୍ବରରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଆଉଟ୍‌ଡୋର୍ ସର୍ଜରୀ ବିଭାଗରେ ପହଞ୍ଚିଥିଲେ। ଚିକିତ୍ସା ପାଇଁ ଅପେକ୍ଷାରତ ରୋଗୀ ଏବଂ ଡାକ୍ତରଙ୍କ ସହ କଥା ହୋଇଥିଲେ। ମଇଳା ପାଣି ଭାସୁଥିବା ଏବଂ ଅପରିଷ୍କାର ଦେଖି ବିରକ୍ତ ହୋଇଥିଲେ। ରୋଗୀଙ୍କ ସହ କଥା ହେବା ବେଳେ ସେମାନେ ବିଭିନ୍ନ ପ୍ରକାର ଚିକିତ୍ସା ପାଇଁ ମେଡ଼ିକାଲ୍‌କୁ ଆସିଥିଲେ ମଧ କେମିତି ହଇରାଣ ହେଉଛନ୍ତି ଏବଂ ଚିକିତ୍ସା ସୁବିଧା ପାଇପାରୁନାହାନ୍ତି, ସେ ସମ୍ପର୍କରେ ନୋଡ଼ାଲ୍ ଅଫିସର ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ସେ ନିରାମୟ କେନ୍ଦ୍ରରେ ପହଞ୍ଚିଥିଲେ । ଔଷଧ ନେବାକୁ ଧାଡ଼ିରେ ଠିଆ ହୋଇଥିବା ରୋଗୀ ଓ ସମ୍ପର୍କୀୟଙ୍କ ସହ କଥା ହୋଇଥିଲେ। ନିରାମୟରେ ଅନେକ ପ୍ରକାର ଔଷଧ ମିଳୁ ନ ଥିବା ଏବଂ ଭିଡ଼ ଯୋଗୁ ଔଷଧ ମିଳିବା ବିଳମ୍ବ ନେଇ ରୋଗୀମାନେ କହିଥିଲେ। ସେଠାରୁ ଆଞ୍ଚଳିକ ନିଦାନ କେନ୍ଦ୍ର(ଆର୍‌ଡିସି)କୁ ଯାଇଥିଲେ। ବିଭିନ୍ନ ପରୀକ୍ଷା ପାଇଁ ଲମ୍ବା ଧାଡ଼ି ଦେଖି ବିରକ୍ତ ହୋଇଥିଲେ। ଏହା ପରେ ସେଣ୍ଟ୍ରାଲ୍ ଆଇସିୟୁ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ନିର୍ମାଣାଧୀନ କୋଠା ଏବଂ ସୁପର ସ୍ପେସିଆଲିଟିକୁ ଯାଇଥିଲେ ।

ପରିଦର୍ଶନ ପରେ ଅଧୀକ୍ଷକଙ୍କ ଚାମ୍ବରରେ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଗସ୍ତ ସମ୍ପର୍କରେ ସଚିବ ମହାପାତ୍ର କହିଥିଲେ, ଗସ୍ତ ବେଳେ ନିର୍ମାଣକାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା। ପିଏମ୍‌ଏସ୍‌ଏସ୍‌ୱାଇ କୋଠାରେ ଅନେକ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତି ଲାଗିଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ ନ ଥିବା ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇପାରୁନି। ଡିସେମ୍ବର ୧୫ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଏବଂ ଛୋଟମୋଟ ନିର୍ମାଣକାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ରାସ୍ତା ନିର୍ମାଣ ଏବଂ କ୍ୟାମ୍ପସ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟତଃ ତିନଟି ସମସ୍ୟା ରହିଛି ପଞ୍ଜୀକରଣ, ନିଦାନ ଏବଂ ନିରାମୟ। ରୋଗୀଙ୍କ ସଂଖ୍ୟା ବଢ଼ୁଥିବା ବେଳେ କମ୍ ସଂଖ୍ୟକ କାଉଣ୍ଟର ରହିଥିବା ଯୋଗୁ ସମସ୍ୟା ଉପୁଜୁଛୁ। କାଉଣ୍ଟର ସଂଖ୍ୟା ବଢ଼ାଯିବା ସହ ନିଦାନରେ ଆଉଟ୍‌ସୋର୍ସିଂରେ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି । ସମ୍ମୁଖରେ ଏକ ଅତ୍ୟାଧୁନିକ କୋଠା ନିର୍ମାଣ କରାଯାଇ ସବୁ କାଉଣ୍ଟର୍‌କୁ ସେଠାକୁ ସ୍ଥାନାନ୍ତର କରାଯିବ। ନିରାମୟରେ ଅଧିକ ପ୍ରକାରର ଔଷଧ ଯୋଗାଇ ଦିଆଯିବ। ୨୪ଘଣ୍ଟିଆ ବିଦ୍ୟୁତ୍ ସଂଯୋଗ ଖୁବ୍ ଶୀଘ୍ର ଶେଷ ହେବ। ଡାଏଲିସିସ୍ ୱାର୍ଡ଼ରେ ମାତ୍ର ୩ ମେଶିନ୍ ରହିଛି । ପିଏମ୍‌ଏସ୍‌ଏସ୍‌ୱାଇ କୋଠାରେ ୧୦ ମଶିନ୍ ରହିଛି । ଆସନ୍ତା ୧୫ତାରିଖ ସୁଦ୍ଧା ନୂତନ କୋଠାକୁ ସ୍ଥାନାନ୍ତର ହେଲେ ଏହି ସମସ୍ୟା ଦୂର ହେବ। ବିନା ଟଙ୍କାରେ ସମସ୍ତ ପ୍ରକାର ସୁବିଧା ମିଳିପାରୁଛି ବୋଲି ରୋଗୀମାନେ କହିଛନ୍ତି । ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବି ବୋଲି ମହାପାତ୍ର ପ୍ରକାଶ କରିଥିଲେ। ଗସ୍ତ ସମୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ଡିନ୍ ଡା. ରାଧାମାଧବ ତ୍ରିପାଠୀ, ଭାରପ୍ରାପ୍ତ ଅଧୀକ୍ଷକ ଡା. ସତ୍ୟଦର୍ଶୀ, ଡିଏମ୍‌ଇଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଉମାକାନ୍ତ ଶତପଥୀ, ପ୍ରଶାସନିକ ଅଧିକାରୀ ସଚିଦାନନ୍ଦ ନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ପାଢ଼ୀ, ସାଉଥ୍‌କୋର ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦନ ଦାସ, ଜିଇଡି ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ନାହାକ, ଜନସ୍ୱାସ୍ଥ୍ୟ ବିଭାଗ ବିଘ୍ନେଶ୍ୱର ପରିଡ଼ାଙ୍କ ସମେତ ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ ।


ବରିଷ୍ଠ ଅଧିକାରୀଙ୍କ ସହ ପ୍ରଦୀପ୍ତ ମହାପାତ୍ର ବିଭିନ୍ନ ୱାର୍ଡ଼ ପରିଦର୍ଶନ କରୁଛନ୍ତି ।

■ ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ନିର୍ଦ୍ଦେଶ
■ ୧୫ତାରିଖ ସୁଦ୍ଧା କାର୍ଯ୍ୟକାରୀ ହେବ ନୂତନ କୋଠା
■ ନିରାମୟ, ନିଦାନରେ ଅବ୍ୟବସ୍ଥା ଦେଖି କ୍ଷୁବ୍ଧ

## ବଡ଼ଭାଇ କୁରାଢ଼ି ଚୋଟରେ ସାନଭାଇ ମୃତ

ପୋଲସରା,୨୮।୧୧

ଗଞ୍ଜାମ ଜିଲା ପୋଲସରା ବ୍ଲକ ବେଲଙ୍ଗା ପଞ୍ଚାୟତ ମନଶିଳା ଗ୍ରାମର ପଣ୍ଡିତ ନାହାକଙ୍କ ବଡ଼ପୁଅ କେଶବ ତାଙ୍କ ସାନ ଭାଇ କୁନାଙ୍କୁ ଗୁରୁବାର ସକାଳେ ଘରୋଇ କଳିକୁ କେନ୍ଦ୍ରକରି କୁରାଢ଼ିରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଛି।

ପଣ୍ଡିତ ନାହାକଙ୍କର ୩ ପୁଅ । ବଡ଼ ହେଲେ କେଶବ, ମୁନା ଓ ସାନପୁଅ କୁନା। କେଶବଙ୍କ ସ୍ତ୍ରୀ ଝିଲି ଏବଂ କୁନାଙ୍କ ମଧ୍ୟରେ ବୁଧବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ଝିଲି, ଶ୍ୱଶୁର ପଣ୍ଡିତ ଓ ଶାଶୁ ଶାନ୍ତି ମିଶି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରାତିରେ ଆସି ସମସ୍ତଙ୍କୁ ବୁଝାଶୁଝା କରି ଯାଇଥିବା ବେଳେ ଗୁରୁବାର ସକାଳ ୭ଟାରେ ସାନଭାଇ କୁନାଙ୍କୁ ବଡ଼ଭାଇ କେଶବ ରାଗିଯାଇ କୁରାଢ଼ିରେ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇପଡିଥିଲେ। ପୋଲିସ ଖବର ପାଇ ଆମ୍ବୁଲାନ୍ସରେ ତାଙ୍କୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ କୁନାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେଶବଙ୍କୁ ପେଲିସ ଥାନାରେ ଅଟକ ରଖିଛି।

## ଟ୍ରାଫିକ୍ ସଚେତନତା ବାଇକ୍ ରାଲି



ବାଇକ୍ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୨୮।୧୧

ନୂତନ ଟ୍ରାଫିକ ନିୟମ ପାଳନ କରିବା ପାଇଁ ବ୍ରହ୍ମପୁର ପୋଲିସ ତରଫରୁ ଗୋଟିଏ ପରେ ଗୋଟିଏ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗୁରୁବାର ଏହି କ୍ରମରେ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରାଫିକ କର୍ମଚାରୀମାନେ ଭାଗ ନେଇଥିଲେ । ଟ୍ରାଫିକ ଥାନା ସମ୍ମୁଖରୁ ରାଲି ବାହାରି ସହର ପରିକ୍ରମା କରିଥିଲା। ଟ୍ରାଫିକ୍ ଡିଏସ୍‌ପି ସାର୍ଥକ ରାୟ ଏହାକୁ ପତାକା ଦେଖାଇ ଆରମ୍ଭ କରିଥିଲେ। ଟ୍ରାଫିକ ଥାନା ଆଇଆଇସି ସୁନିଲ କୁମାର ବେହେରାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ହେଲମେଟ୍ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ମାନିବା, ଗାଡ଼ିର ସମସ୍ତ କାଗଜପତ୍ର ପାଖରେ ରଖିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା ଆଦି ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

## ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

ହିଞ୍ଜିଳିକାଟୁ,୨୮।୧୧(ଡି.ଏନ୍.ଏ.)
ହିଞ୍ଜିଳି ଥାନା ବ୍ରାହ୍ମଣଛାଇ ଗ୍ରାମର ଜଣକ ଘରୁ ରବିବାର ରାତିରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଗହଣା ଚୋରି ହୋଇଥିବା ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା (ନଂ.୩୩୬/୧୯) ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକେ ଘରେ ଶୋଇଥିବା ବେଳେ ରାତିରେ କୌଣସି ଦୁର୍ବୃତ୍ତ ପଶି ଆଲମିରାରୁ ପ୍ରାୟ ୧୨ ତୋଳା ସୁନା ଅଳଙ୍କାର ନେଇଯାଇଥିବା ଥାନାରେ ଗୌରହରି ଦାସ ଅଭିଯୋଗ କରିଛନ୍ତି। ଚୋରି ଜିନିଷ ମଧ୍ୟରେ ଗ୍ରାମର ପଞ୍ଚଦେବାଳୟର କିଛି ସୁନା ରହିଥିବା ସେ ଦର୍ଶାଇଛନ୍ତି। ପରିବାର ଲୋକଙ୍କୁ ଦୁର୍ବୃତ୍ତ କୌଣସି ନିଶାଦ୍ରବ୍ୟ ଶୁଙ୍ଘାଇ ଏପରି ଲୁଟ୍ କରିଥିବା ଗୌରହରି କହିଛନ୍ତି।

## ସଂଘବଦ୍ଧ ଆକ୍ରମଣରେ ଜଣେ ଗୁରୁତର

ହିଞ୍ଜିଳିକାଟୁ,୨୮।୧୧(ଡି.ଏନ୍.ଏ)
ହିଞ୍ଜିଳିକାଟୁ ବ୍ଲକ ନନ୍ଦିକ ଗାଁରେ ବୁଧବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ରାଳବ ଗ୍ରାମର ରାମହରି ଦଳାଇଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ଡ଼ାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱର ପଠାଯାଇଛି। ଏ ନେଇ ରାମହରିଙ୍କ ସମ୍ପର୍କୀୟ ଭାଇ କୃଷ୍ଣ ଭୋଳଙ୍କ ଅଭିଯୋଗକ୍ରମେ ପୁରୁଷୋତ୍ତମପୁର ଥାନାରେ ନଂ.୨୯୦/୧୯ରେ ମାମଲା ରୁଜୁ ହୋଇଛି।

## ■ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# କଳାବ୍ୟାଜ୍ ପିନ୍ଧି ଆଇନଜୀବୀଙ୍କ ଧାରଣା

ବ୍ରହ୍ମପୁର ଅଫିସ,୨୮।୧୧

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗଞ୍ଜାମ ଓକିଲ ସଂଘ ତରଫରୁ ଦୀର୍ଘ ୧୨ ବର୍ଷ ହେଲା ଆନ୍ଦୋଳନ ହୋଇଆସୁଥିଲା। ଏବେ ଗଞ୍ଜାମ ଓକିଲ ସଂଘ ଆନ୍ଦୋଳନର ତରିକା ବଦଳାଇ ଧାରଣା ଚଳାଇଛି। ସଂଘ ସଭାପତି ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆୟୋଜିତ ଦ୍ୱିତୀୟ ଦିନ ଧାରଣାରେ ଶତାଧିକ ଓକିଲ କଳାବ୍ୟାଜ ପରିଧାନ କରି ଏକତ୍ରିତ ହୋଇଥିଲେ। ଆଇନଜୀବୀମାନେ ବ୍ରହ୍ମପୁରରେ ତୁରନ୍ତ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ଏହି ଧାରଣା ଆସନ୍ତା ୩୦ ତାରିଖ ଯାଏ ଚାଲିବ ବୋଲି ସଭାପତି ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ସଂଘ ଅଭିଯୋଗ କରିଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଓକିଲ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ ମଞ୍ଚାସୀନ ଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ମୋହନ ସିଙ୍ଗାରୀ, ସୁଧାଂଶୁ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରସାଦ ପଟ୍ଟନାୟକ, ସୁଦର୍ଶନ ପଣ୍ଡା, ଅଭୟ ପଣ୍ଡା, ଅକ୍ଷୟ ପଟ୍ଟନାୟକ, ସୌଭାଗ୍ୟ ମିଶ୍ର, ମୁନା ସିଂ, ସଞ୍ଜୟ ମିଶ୍ର, ଏବି ସିଂ, ଆରକେ ଦେଓ, ଅଶୋକ ଶୁକ୍ଳ, ପ୍ରଦୀପ ବେହେରା, ଅରୁଣ ବିଶ୍ୱାଳ, ପ୍ରକାଶ ଦାଶ, ନୟନ ମହାପାତ୍ର, ସୀତାଂଶୁ ପଣ୍ଡା, କପିଳ ପଟ୍ଟନାୟକ, ଜୁବୁଲି ଆଚାର୍ଯ୍ୟ, ବୁଟୁ ପଟ୍ଟନାୟକ, ନୀଳାଞ୍ଚଳ ତ୍ରିପାଠୀଙ୍କ ସମେତ ଶତାଧିକ ଧାରଣାରେ ଅଂଶଗ୍ରହଣ କରିଥିଲେ ।



କଳାବ୍ୟାଜ ପରିଧାନ କରି ଆଇନଜୀବୀଙ୍କ ଧାରଣା।

## ଦରଦାମ ବୃଦ୍ଧି ପ୍ରତିବାଦରେ ସଭା

ଆସିକା,୨୮।୧୧(ଡି.ଏନ୍.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ ଦଳ ପକ୍ଷରୁ ଗୁରୁବାର ଆସିକା ବସ୍‌ଷ୍ଟାଣ୍ଡରେ ଦରଦାମ ବୃଦ୍ଧି ବିରୋଧରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ସମାଲୋଚନା କରାଯାଇଥିଲା। ବିମୁଦ୍ରୀକରଣ, ଜିଏସ୍‌ଟି ଆଦି ବିଦେଶୀ ପୁଞ୍ଜୀପତିଙ୍କୁ ସନ୍ତୁଷ୍ଟ କରିବା ଲାଗି କରାଯାଇଛି। ଯାହାର ପ୍ରଭାବ ଦେଶର ଗରିବ ଖଟିଖିଆଙ୍କ ଉପରେ ପଡ଼ୁଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ର ସରକାରଙ୍କ ଏଭଳି ଜନବିରୋଧୀ ନୀତିକୁ ଜନସାଧାରଣ ବିରୋଧ କରିବାକୁ ଆହ୍ୱାନ କରାଯାଇଥିଲା। ଶ୍ରମିକ ନେତା ପ୍ରଫୁଲ୍ଲ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିପିଏମ୍ ଆସିକା ଶାଖା ସମ୍ପାଦକ ଲକ୍ଷ୍ମଣ ପାଢ଼ୀ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ସୁବାସ ପ୍ରଧାନ, ଅମୂଲ୍ୟ ବେବର୍ତ୍ତା, ଉପେନ୍ଦ୍ର ନାହାକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ମେଡିକାଲ୍ ସମସ୍ୟା ଦୂର କରିବାକୁ ଦାବିପତ୍ର

ବ୍ରହ୍ମପୁର ଅଫିସ୍,୨୮।୧୧

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଗୁରୁବାର ମେଡିକାଲ ଗସ୍ତ କରିଛନ୍ତି । ଏହି ଅବସରରେ ଭାଜପା ସ୍ୱାସ୍ଥ୍ୟ ସେଲ ସଭାପତି ରାମ କୁମାର ପାତ୍ର ଏବଂ ଅନ୍ୟ କର୍ମକର୍ତ୍ତାମାନେ ତାଙ୍କୁ ସାକ୍ଷାତ କରି ମେଡ଼ିକାଲ୍‌ର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଧିକ ଟିକେଟ୍ କାଉଣ୍ଟର୍ ଖୋଲିବା, ଆଞ୍ଚଳିକ ନିଦାନ କେନ୍ଦ୍ର(ଆର୍‌ଡିସି)ରେ ନମୁନା ପରୀକ୍ଷା ଏବଂ ରିପୋର୍ଟ ପ୍ରଦାନ ପାଇଁ ଅଧିକ କାଉଣ୍ଟର୍, ଅସୁରକ୍ଷିତ କୋଠା ୱାର୍ଡ଼ଗୁଡ଼ିକୁ ରୋଗୀ ସ୍ଥାନାନ୍ତର କରିବା, ଅତିକମ୍‌ରେ ୧୦ ଡାଏଲିସିସ୍ ମେଶିନ୍ ରଖିବା, ଖାଲି ପଡ଼ିଥିବା ଆଟେଣ୍ଡାଣ୍ଟ ପଦବୀ ପୂରଣ, ଅଧିକ ସଂଖ୍ୟକ ଡାକ୍ତର, ନର୍ସ, ଟେକ୍ନିସିଆନ୍ ଓ ଷ୍ଟାଫ୍ ନିଯୁକ୍ତି, ୨୪ଘଣ୍ଟିଆ ଅଭିଯୋଗ ପ୍ରକୋଷ୍ଠ, ପରିଚାଳନା ଦାୟିତ୍ୱ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଦେବା, ଟ୍ରମା କେୟାର ସେଣ୍ଟର୍‌କୁ କାର୍ଯ୍ୟକ୍ଷମ କରିବା, ମେଡ଼ିକାଲ୍‌ରେ ନିଯୁକ୍ତି ପାଇଥିଲେ ମଧ ନର୍ସିଂ ହୋମ୍‌ରେ ବେପାର କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ରୋଗୀ ସମ୍ପର୍କୀୟଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ, ବିଭିନ୍ନ ଗୁରୁତର ରୋଗୀ ସର୍ଜରୀ ବିଭାଗ, ନିର୍ଦ୍ଧାରିତଠାରୁ ଅଧିକ ଭଡ଼ା ନେଉଥିବା ଆମ୍ବୁଲାନ୍ସ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ରକ୍ତ ଭଣ୍ଡାରକୁ ଆସିଥିବା ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଗାଡ଼ି ପାଇଁ ଶେଡ୍ ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଏନ୍.ରାଜେନ୍ଦ୍ର କୁମାର, କିରଣ କୁମାର ସାହୁ, ରାମ ପ୍ରସାଦ ସାମଲ, ଅଶୋକ ନିମେଇ, ହରେକୃଷ୍ଣ ବେହେରା, କେଶବ ଚନ୍ଦ୍ର ପାଢ଼ୀ, ସନ୍ଦେଶ ଦାସ, କମଲ୍ ପାତ୍ର, କେ. ରବି ରାଓ, ଅମର ଦାସ, ନାରାୟଣ ସବର ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ଦିନ ପରେ ଟଳିଲା ବସ୍ ଧର୍ମଘଟ

ବ୍ରହ୍ମପୁର ଅଫିସ,୨୮।୧୧

୩ ଦିନ ପରେ ଧର୍ମଘଟରୁ ହଟିଛନ୍ତି ଗଞ୍ଜାମ ଘରୋଇ ବସ୍ ମାଲିକ ସଂଘ । ବ୍ରହ୍ମପୁର ସିଟି ବସ୍‌ଷ୍ଟାଣ୍ଡରୁ ଘରୋଇ ବସ୍ ଚଳାଚଳ କରିବା ନେଇ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବସ୍ ମାଲିକ ସଂଘ ଧର୍ମଘଟରୁ ହଟିଛନ୍ତି । ରାଜ୍ୟ ବସ୍ ମାଲିକ ସଂଘ ଓ ପରିବହନ ମନ୍ତ୍ରୀଙ୍କ ମଧ୍ୟରେ ଗୁରୁବାର ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ବ୍ରହ୍ମପୁର ସିଟି ବସ୍‌ଷ୍ଟାଣ୍ଡର ଅଧା ଅଞ୍ଚଳରେ ବିଡିଏ ନିର୍ମାଣ କାର୍ଯ୍ୟ କରିବ । ଅନ୍ୟ ଅଧା ଅଞ୍ଚଳରୁ ଘରୋଇ ବସ୍ ଚଳାଚଳ କରିବ। ଗୁରୁବାର ରାତିରେ ଦୂରସ୍ଥାନ ତଥା ଜାତୀୟ ରାଜପଥ ଦେଇ ଆସୁଥିବା ସମସ୍ତ ଘରୋଇ ବସ୍ ଏଣିକି ହଳଦିଆପଦର ଯିବା ପରେ ସିଟି ବସ୍‌ଷ୍ଟାଣ୍ଡକୁ ଆସିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚାଇଛନ୍ତି ।

ସୂଚନାଯୋଗ୍ୟ, ବ୍ରହ୍ମପୁର ସିଟି ବସ୍‌ଷ୍ଟାଣ୍ଡ ମରାମତି ତଥା ପୁନଃ ନିର୍ମାଣ ପାଇଁ ୨ ମାସ ବନ୍ଦ କରିବାକୁ ବିଡିଏ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ଏହି ସମୟରେ ସମସ୍ତ ଘରୋଇ ବସ୍ ହଳଦିଆପଦର ଷ୍ଟାଣ୍ଡରୁ ଚଳାଚଳ କରିବାକୁ ବିଡିଏ ପକ୍ଷରୁ ନଭେମ୍ବର ୨୦ରେ ନୋଟିସ ଜାରି କରାଯାଇଥିଲା। ଏହାକୁ ବିରୋଧ କରି ସୋମବାରରୁ ବସ୍ ମାଲିକ ସଂଘ ଧର୍ମଘଟକୁ ଓହ୍ଲାଇଥିଲେ ।

ଏନେଇ ଗୁରୁବାର ପରିବହନ ମନ୍ତ୍ରୀଙ୍କ ସହ ରାଜ୍ୟ ବସ୍ ମାଲିକ ସଂଘ ଆଲୋଚନା କରିଥିଲେ । ଆଲୋଚନାରେ ବିଡିଏ ଉପାଧ୍ୟକ୍ଷ ତଥା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ପରିବହନ କମିଶନର ଓ ସଚିବଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି ।



ହଳଦିଆପଦର ଷ୍ଟାଣ୍ଡରେ ଥିବା ଘରୋଇ ବସ୍ ।

■ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି
■ ଚାଲିଲା ସମସ୍ତ ଘରୋଇ ବସ୍
■ ସିଟି ବସ୍‌ଷ୍ଟାଣ୍ଡର ଅଧା ଅଞ୍ଚଳରୁ ଚାଲିବ ବସ୍

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ନଭେମ୍ବର ୨୯/୨୦୧୯ Berhampur, Friday, November 29/2019

## ସଂକ୍ଷେପରେ

### ସିବିଆଇ ଅଫିସର କହି ଲୁଟ୍

ଭଞ୍ଜନଗର,୨୮।୧୧(ଡି.ଏନ୍.ଏ.)- ଭଞ୍ଜନଗର ଆର୍‌ସିରୋଡ଼ରେ ଗୁରୁବାର ଜଣେ ଦୁର୍ବୃତ୍ତ ସିବିଆଇ ଅଫିସର କହି ଜଣେ ବ୍ୟକ୍ତିଙ୍କଠାରୁ ଅଳଙ୍କାର ଓ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଡ଼ାଲିଆ ପୃଷ୍ଟି। ଏନେଇ ଡାଲିଆ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଆର୍‌ସିରୋଡରେ ରହୁଥିବା ଡାଲିଆ ଅପରାହ୍ନରେ ପାଇପ୍ କିଣିବାକୁ ଘର ନିକଟରେ ଥିବା ଏକ ଦୋକାନକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ଜଣେ ଯୁବକ ଆସି ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ଭଞ୍ଜନଗର ପରିସ୍ଥିତି ଭଲ ନାହିଁ, ପିନ୍ଧିଥିବା ସୁନା ଅଳଙ୍କାର ସବୁ ରୁମାଲରେ ରଖିଦିଅ ବୋଲି କହିଥିଲେ। ଏହାପରେ ପାଖରେ ଥିବା ଆଉଜଣେ ବ୍ୟକ୍ତି ଆସି ମଧ ପରିସ୍ଥିତି ଭଲ ନାହିଁ ବୋଲି କହିଥିଲେ। ଏହାପରେ ଡାଲିଆ ପିନ୍ଧିଥିବା ସୁନା ଅଳଙ୍କାର କାଢ଼ି ରୁମାଲରେ ରଖିବାବେଳେ ସମ୍ପୃକ୍ତ ନକଲି ସିବିଆଇ ଅଫିସର ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। କିଛି ସମୟ ପରେ ଡାଲିଆ ଘରେ ପହଞ୍ଚି ରୁମାଲ ଖୋଲି ଦେଖିବାବେଳକୁ ସେଥିରେ ସୁନା ଅଳଙ୍କାର ଟଙ୍କା ନ ଥିଲା।

### କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଲା ଖେମୁଣ୍ଡି ଓକିଲ ସଂଘ

ଦିଗପହଣ୍ଡି,୨୮।୧୧(ଡି.ଏନ.ଏ.)- ବ୍ରହ୍ମପୁରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନକୁ ଖେମୁଣ୍ଡି ଓକିଲ ସଂଘ ସମର୍ଥନ ଜଣାଇଥିଲା। ମାସର ଶେଷ କାର୍ଯ୍ୟ ଦିବସରେ ଖେମୁଣ୍ଡି ଓକିଲ ସଂଘର ସଦସ୍ୟମାନେ କୋର୍ଟ କାର୍ଯ୍ୟ ବର୍ଜନ କରି ଆସୁଥିଲେ। ସଂଘ ବୈଠକ ବସି ବିଭିନ୍ନ କାରଣ ଯୋଗୁ ଆନ୍ଦୋଳନକୁ କେବଳ ନୈତିକ ସମର୍ଥନ କରିବାକୁ ନିଷ୍ପତ୍ତି ନେବାସହ କୋର୍ଟ ବର୍ଜନ ଆନ୍ଦୋଳନରୁ ଓହରିଯାଇଛନ୍ତି। ଗୁରୁବାର ଅନୁଷ୍ଠିତ ବୈଠକରେ ସଂଘର ସମ୍ପାଦକ ହରପ୍ରସାଦ ରଥ ଓ ବହୁସଂଖ୍ୟକ ସଦସ୍ୟ ଯୋଗଦେଇ ଏହି ନିଷ୍ପତ୍ତି ନେଇ ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଞ୍ଜୟ ଶୁଭବ୍ରତ ଆଚାର୍ଯ୍ୟ ଏବଂ ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଏହାର ନକଲ ପ୍ରଦାନ କରିଛନ୍ତି।

ତଣ୍ଟିକାଟି ମହିଳାଙ୍କୁ ହତ୍ୟା ଘଟଣା

### ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

ଶେରଗଡ,୨୮।୧୧(ଡି.ଏନ୍.ଏ.)- ଶେରଗଡ ବ୍ଲକ ବାରସିଙ୍ଗି ଗ୍ରାମରେ ବୁଧବାର କବିତା ସେଠୀଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣୀ ପ୍ରଧାନ ଓ ଅନ୍ୟମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ଏକ ସର୍ଜିକାଲ ବ୍ଲେଡ, ଭଙ୍ଗାଚୁଡି ମିଳିଛି। ବଡଗଡ ଥାନାରେ ନଂ. ୨୭୫/୨୦୧୯ରେ ମାମଲା ରୁଜୁ କରି ମୃତଦେହ ବ୍ୟବେଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ହତ୍ୟାର କାରଣ ଜଣାପଡିନାହିଁ ବୋଲି ଆସିକା ଏସ୍‌ଡିପିଓ କହିଛନ୍ତି।

ଚକଡାରେ ବ୍ୟାପକ ଧାନ ଫସଲ କ୍ଷତି

### କ୍ଷତିପୂରଣ ଦାବି

ହାତୀଓଟ/ପୋଲସରା,୨୮।୧୧- ଚଳିତ ଖରିଫ ଋତୁରେ ପୋଲସରା ବ୍ଲକରେ ଚକଡା ରୋଗରେ ବ୍ୟାପକ ଫସଲ କ୍ଷତି ହୋଇଛି। ବୁଧବାର ନିମିନା ସରପଞ୍ଚ ହରପ୍ରିୟା ସାହୁ ଏବଂ ଲଡୁ କିଶୋର ସାହୁଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଚାଷୀମାନେ ଧାନକେଣ୍ଡା ଧରି ପୋଲସରା ତହସିଲ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ ଓ ବିଡିଓ କାର୍ଯ୍ୟାଳୟକୁ ଯାଇ କ୍ଷତିପୂରଣ ପାଇଁ ଦାବିପତ୍ର ଦେଇଛନ୍ତି। ଜିଲାପାଳ, ଜିଲା କୃଷି ଅଧିକାରି ଛତ୍ରପୁର ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବୋହୂଙ୍କୁ ମାଡ଼ ଘଟଣା

### ଶାଶୁ, ଶ୍ୱଶୁର, ଦିଅର ଗିରଫ

ଖଲ୍ଲିକୋଟ,୨୮।୧୧(ଡି.ଏନ.ଏ.)- ଖଲ୍ଲିକୋଟ ବ୍ଲକ ମହେଶ୍ୱରପୁର ଗ୍ରାମରେ ବୁଧବାରେ ଶାଶୁ, ଶ୍ୱଶୁର ଓ ଦିଅରଙ୍କ ମାଡ଼ରେ ବୋହୂ ରଞ୍ଜନା ପ୍ରଧାନ ଗୁରୁତର ଆହତ ହୋଇଥିଲେ। ତାଙ୍କର ବାମ ହାତ ଭାଙ୍ଗି ଯାଇଥିଲା। ଏ ନେଇ ଖଲ୍ଲିକୋଟ ଥାନାରେ ରଞ୍ଜନାଙ୍କ ବାପା ମାଣିକପୁର ଗ୍ରାମର ଭରତ ଦୁହୁଡ଼ି ଏତଲା ଦେଇଥିଲେ। ନଂ.୩୪୭/୧୯ରେ ମାମଲା ରୁଜୁକରି ଗୁରୁବାର ଶାଶୁ, ଶ୍ୱଶୁର ଓ ଦିଅରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ଶିଲୁ ଧଳ କହିଛନ୍ତି।

# ୧୦ଟା ପର୍ଯ୍ୟନ୍ତ ଛାଉନି କୁହୁଡ଼ି, ୧୧ଡିଗ୍ରୀ ତଳେ ପାରଦ

**ବାଲିଗୁଡା,୨୮।୧୧ (ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡାରେ ଘନ କୁହୁଡି ସହ ଶୀତ ଲହରି ଜାରି ରହିଛି। ସକାଳ ୧୦ ପର୍ଯ୍ୟନ୍ତ କୁହୁଡି ଆଚ୍ଛାଦିତ ହୋଇ ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ କରିପକାଉଛି। ଘନକୁହୁଡି କାରଣରୁ ରାତିରେ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ବିଶେଷକରି ରାତ୍ରକାଳୀନ ବସ୍ ଗୁଡିକ ଗନ୍ତବ୍ୟସ୍ଥଳରେ ଠିକ୍ ସମୟରେ ପହଞ୍ଚିବାରେ ଅସୁବିଧା ହେଉଛି। କୁହୁଡି ଯୋଗୁ ଗାଡି ଲାଇଟରେ ମାତ୍ର



କୁହୁଡି ଆଚ୍ଛାଦିତ ବାଲିଗୁଡା ରାସ୍ତା।

୨୦ରୁ୩୦ ମିଟର ପର୍ଯ୍ୟନ୍ତ ରାସ୍ତା ଦେଖାଯାଉଛି। ବିଳମ୍ବିତ ରାତିରେ ବର୍ଷା ଭଳି କାକର ପଡିବା ସହ ଶୀତ ବଢୁଛି। ପାରଦ ୧୧ଡିଗ୍ରୀ ତଳକୁ ଖସିଆସିଛି। ଆଗାମୀ ଦିନରେ ଶୀତର ପ୍ରକୋପ ଆହୁରି ବଢିବ ବୋଲି ଆଶା କରାଯାଉଛି। କୁହୁଡି ଓ ଥଣ୍ଡା ଯୋଗୁ ଲୋକେ ସକାଳ ୧୦ଟା ପୂର୍ବରୁ ଘରୁ ବାହାରିବାକୁ ମୁସ୍କିଲ ହୋଇପଡୁଛି। ରାତି ୮ଟା ହେଲେ ବଜାରଘାଟ ଶୂନ୍‌ଶାନ୍ ହୋଇଯାଉଛି।

# କାଠ ବୋଝେଇ ପିକ୍‌ଅପ ଭ୍ୟାନ ଜବତ, ୩ ଗିରଫ

**ଦିଗପହଣ୍ଡି/ପାଟପୁର, ୨୮।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବନାଞ୍ଚଳ ପାଟପୁର ଉପବନାଞ୍ଚଳର ରତନେଇ ଜଙ୍ଗଲରୁ ବୁଧବାର କାଠ ଚୋରାଚାଲାଣ କରାଯାଉଥିବା ଖବରପାଇ ପାଟପୁର ବନପାଳ ଶିବରାମ ନାୟକ ସଦଳବଳ ପିପିଳିଗୁଡ଼ା ଗାଁ ଛକରେ ଜଗି ରହିଥିଲେ। ଭ୍ୟାନ (ନଂ.ଓଆର୦୭ ଏଲ-୨୧୭୭)କୁ ଅଟକାଇ ଦିଗପହଣ୍ଡି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ସେଥିରେ ଶାଗୁଆନ କାଠ ଚୋରାଚାଲାଣ ହେଉଥିବା ଜଣାପଡିଥିଲା। ପାଟପୁର ଥାନା କଂସାମାରି ଗ୍ରାମର ଗାଡ଼ି ଚାଳକ ରବୀନ୍ଦ୍ର ଦୋରା ଏବଂ ସେହି ଗାଁର ସତ୍ୟ ଦୋରା, ହରି ଦୋରାଙ୍କୁ ବନ ବିଭାଗ ମାମଲା ନଂ.ଓ ଆର ୬୨୪/୧୯-୨୦ରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ହୋଟେଲ ଭିତରେ ପଶିଲା ବସ୍, ୫ ଆହତ



ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

**ଦାରିଙ୍ଗବାଡି,୨୮।୧୧(ଡି.ଏନ.ଏ)**

ଦାରିଙ୍ଗବାଡି ଥାନା ସିମନବାଡି ଛକରେ ଏକ ଯାତ୍ରୀବାହି ବସ୍ ଭାରସାମ୍ୟ ହରାଇ ହୋଟେଲ ଭିତରେ ପଶିଯିବାରୁ ୫ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଅଡାଗାଡୁ ଗ୍ରାମର ଦୀପା ପ୍ରଧାନ, ପ୍ରମିଳା ପ୍ରଧାନ, ରାଇକିଆ ଥାନା କାଣ୍ଡାବାଡା ଗ୍ରାମର କାଥିରିନା ପ୍ରଧାନ, ସିକକେତା ଗ୍ରାମର ଆଲିନା ପ୍ରଧାନ ଏବଂ ବୁଡୁକେଜୁ ଗ୍ରାମର ମିନତୀ ପ୍ରଧାନ। ପୋଲିସ ଆହତଙ୍କୁ ଉଦ୍ଧାର କରି ଦାରିଙ୍ଗବାଡି ଏବଂ ସିମନବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଦାରିଙ୍ଗବାଡି ପୋଲିସ ପହଞ୍ଚି ବସ୍ ଚାଳକଙ୍କୁ ଥାନାରେ ଅଟକ ରଖିଛି। ସୂଚନାଯୋଗ୍ୟଯେ ରାଇକିଆ ଠାରୁ ଦାରିଙ୍ଗବାଡି ଅଭିମୁଖେ ଯାଉଥିବା ଘରୋଇ ବସ୍ (ନଂ.ଓଆର୦୨-ଏବି-୫୨୯୮) ପୂର୍ବାହ୍ନ ୧୧ଟାରେ ସିମନବାଡି ଛକରେ ପହଞ୍ଚିଥିଲା। ବସ୍‌କୁ ଷ୍ଟାର୍ଟରେ ରଖି ଚାଳକ ନିକଟସ୍ଥ ଦୋକାନକୁ ଯାଇଥିବାବେଳେ ହେଲ୍‌ପର ଚକାରୁ ଜାମ୍ କାଠଖଣ୍ଡକୁ ବାହାର କରିଦେଇଥିଲେ। ଫଳରେ ବସ୍‌ଟି ଗଡିଯାଇ ପାଖରେ ଥିବା ଏକ ବନ୍ଦ ହୋଟେଲ ଉପରେ ମାଡି ଯାଇଥିଲା। ହୋଟେଲ ମାଲିକ ବାସୁଦେବ ସାହୁ କ୍ଷତିପୂରଣ ଦାବିରେ ଥାନାରେ ଅଭିଯୋଗ କରିଛନ୍ତି।

### ଶଙ୍କର ହତ୍ୟାକାଣ୍ଡ, ମୁଖ୍ୟ ଅଭିଯୁକ୍ତ ଗିରଫ

**ଖଲ୍ଲିକୋଟ,୨୮।୧୧(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ କେଶପୁର ବଜାର ନିକଟ ନାରାୟଣୀ ପେଟ୍ରୋଲ ପମ୍ପଠାରେ ଗତ ୨୧ ତାରିଖ ରାତିରେ ରାମଚନ୍ଦ୍ରପୁର ଗ୍ରାମର ଶଙ୍କର ପାହାନ (୨୫)ଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ରାମଚନ୍ଦ୍ରପୁର ଗ୍ରାମର ବବୁଲ ସାହୁ (୨୨)ଙ୍କୁ ବାଲୁଗାଁ ରେଳ ଷ୍ଟେଶନରୁ ବୁଧବାର ଗିରଫ କରାଯାଇଥିବା ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି। ପ୍ରେମ ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ପ୍ରକାଶ କରିଛି। ମୃତ ଶଙ୍କରଙ୍କ ମା' ସରସ୍ୱତୀ ଖଲ୍ଲିକୋଟ ଥାନାରେ ତାଙ୍କ ପୁଅ ଶଙ୍କରକୁ ହତ୍ୟାକରାଯାଇଥିବା ଏତଲା ଦେବାପରେ ପୋଲିସ ନଂ.୩୪୨/୧୯ରେ ମାମଲା ରୁଜୁ କରିଥିଲା। ଘଟଣାରେ ବ୍ୟବହୃତ ଏକ ବାଇକକୁ ମଧ ପୋଲିସ ଜବତ କରିଛି।

### ବାଇକ ଧକ୍କାରେ ମହିଳା ମୃତ

**ପାତ୍ରପୁର,୨୮।୧୧(ଡି.ଏନ୍.ଏ.)**

ଜରଡ଼ା ଥାନା ଦାମଦୋରପଲ୍ଲୀଠାରେ ଗୁରୁବାର ବାଇକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଜି. ବୃନ୍ଦାବତୀ ଦୋରା (୭୦)। ବୃନ୍ଦାବତୀ କୌଣସି କାମପାଇଁ ରାସ୍ତା ପାର ହେଉଥିଲେ। ଦେବାଶିଷ ବିଷୋୟୀ ନାମକ ଜଣେ ଯୁବକ ବାଇକ ଯୋଗେ ପାତ୍ରପୁର ଆଡୁ ଆସୁଥିବାବେଳେ ବୃନ୍ଦାବତୀଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାତ୍ରପୁର ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ବୃନ୍ଦାବତୀଙ୍କୁ ମୃତ ଘୋଷଣା କରିଛନ୍ତି।

ନୂଆଗଡକୁ ପୁଣି ଲେଉଟିଲା ଡେଙ୍ଗୁ

# ଜଣେ ମୃତ ୨ ଆକ୍ରାନ୍ତ

**ଆର.ଉଦୟଗିରି, ୨୮।୧୧ (ଡି.ଏନ.ଏ.)**

ମାସେ ନପୁରୁଣୁ ପୁଣି ନୁଆଗଡକୁ ଡେଙ୍ଗୁ ଲେଉଟିଛି। ବୁଧବାର ଡେଙ୍ଗୁରେ ଗ୍ରାମର ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଆକ୍ରାନ୍ତ ହୋଇଛନ୍ତି। ଖବର ପାଇ ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚିଛି। ନୂଆଗଡ ଗ୍ରାମ ଖ୍ରୀଷ୍ଟିଆନ ସାହିର ଧିରେନ ସିଂ (୨୩)ଙ୍କୁ ଜ୍ୱର ହୋଇଥିଲା। ୨୧ ତାରିଖରେ ବ୍ରହ୍ମପୁରରେ ଏକ ଘରୋଇ ନିଦାନ କେନ୍ଦ୍ରରେ ରକ୍ତପରୀକ୍ଷା ପରେ ଡ଼େଙ୍ଗୁ ହୋଇଥିବା ଜଣାପଡିଥିଲା। ଘରୋଇ କ୍ଲିନିକରେ ଚିକିତ୍ସିତ ହେବାପରେ ଔଷଧ ଧରି ଗ୍ରାମକୁ ଫେରି ସ୍ଥାନୀୟ କ୍ୱାକ୍ ଦ୍ୱାରା ଚିକିତ୍ସିତ ହେଉଥିଲେ। ୨୫ରେ ପୁଣି ଅସୁସ୍ଥ ହେବାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲେ। ସେଠାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଚଳିତ ମାସ ୮ରେ ୩୩ ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହୋଇଥିଲେ। ସେହି ସମୟରେ ମଧ ଜଣଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ମେଡିକାଲ ଇନ୍‌ଚାର୍ଜ ନିବେଦିତା ସାହୁ ଏବଂ ତାଙ୍କ ଷ୍ଟାଫ ମୃତକଙ୍କ ପରିବାରକୁ ଭେଟିଛନ୍ତି।

# ଜିଲାସ୍ତରୀୟ ଲୋକକଳା ମହୋତ୍ସବ ପ୍ରସ୍ତୁତି

**ଛତ୍ରପୁର,୨୮।୧୧(ଡି.ଏନ.ଏ.)**

ଛତ୍ରପୁର ଷ୍ଟାଡିୟମଠାରେ ଡିସେମ୍ବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଗଞ୍ଜାମ ଜିଲାସ୍ତରୀୟ ଲୋକକଳା ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ବିଭିନ୍ନ ଜିଲାର କଳାକାରମାନେ ପାରମ୍ପରିକ ନୃତ୍ୟ, ଗୀତ ପରିବେଷଣ କରିବେ। ୪ତାରିଖରେ ବାବା ସେହଗଲ, ୫ରେ ରାହୁଲ ଜୈନ, ୬ରେ ଅଭିଜିତ ମଜୁମଦାର, ସମୀର ଶିଶୁ ମହାନ୍ତି, ୭ରେ ଆସ୍ଥା ଗିଲ୍ ଏବଂ ୮ ତାରିଖରେ ଋତୁରାଜ ମହାନ୍ତି ସଙ୍ଗୀତ ପରିବେଷଣ କରିବେ। ଏଥିପାଇଁ ପଞ୍ଚାୟତ, ଏନଏସିସ୍ତରରେ ଏବଂ ସୋସିଆଲ ମିଡିଆରେ ପ୍ରଚାର ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବକୁ ବ୍ରହ୍ମପୁରରୁ ଯିବା ଆସିବା ପାଇଁ ସିଟି ବସ୍ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ପାର୍କିଂ, ଅଗ୍ନିଶମ ବ୍ୟବସ୍ଥା କରାଯିବା ସହ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯିବ। ଏଥିସହ ସୁରକ୍ଷା ବ୍ୟବସ୍ଥା, ସିସି କ୍ୟାମେରା ଲଗାଇବା ଉପରେ ଆଲୋଚନା ହୋଇ ଥିଲା। ବୈଠକରେ ଡିଆରଡିଏ ପିଡି ଇଂ. ସିଦ୍ଧାନ୍ତ ଶଙ୍କର ସ୍ୱାଇଁ, ଏପିଡି ରବି ନାରାୟଣ ତ୍ରିପାଠୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ପ୍ରଫୁଲ୍ଲ ପଟ୍ଟନାୟକ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଶଙ୍କର୍ଷଣ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ନିଶଙ୍କ, ଗ୍ରନ୍ଥାଗାରିକ ଅମିୟ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଗଞ୍ଜାମ,୨୮।୧୧(ଡି.ଏନ.ଏ.)**

ରମ୍ଭା ଥାନା ଶତ୍ରୁଶୋଲ ଗ୍ରାମରେ ଥିବା ଏକ ଫାର୍ମ ହାଉସ୍‌ରେ ବୁଧବାର ରାତିରେ ଶୋଇଥିବା ବେଳେ ଜଣେ ବ୍ୟକ୍ତିଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କାଳିଆ ଦାସ (୫୭)। ମିଳିଥିବା ସୂଚନାନୁଯାୟୀ, ସେହି ଗ୍ରାମର ଜୋଗି ଦାସ ଓ କାଳିଆ ଖାଇପିଇ ଶୋଇଥିଲେ। ଜୋଗି ଉଠି କାଳିଆଙ୍କୁ ଉଠାଇବା ବେଳେ ସେ ଆଉ ଉଠି ନ ଥିଲେ। ସଂଗେ ସଂଗେ ଗ୍ରାମବାସୀ ରମ୍ଭା ଥାନାକୁ ଖବର ଦେଇଥିଲେ। ଖବର ପାଇ ରମ୍ଭା ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ରମ୍ଭା ଥାନାଧିକାରୀ କୃଷ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରେ ହୃଦ୍‌ଘାତ ଜନିତ ମୃତ୍ୟୁ ଘଟିଥାଇପାରେ ବୋଲି ସେ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି ସେଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହିତ ଏକ ଅପମୃତ୍ୟୁ ମାମଲା ନଂ.୧୩/୧୯ରେ ରୁଜୁ କରାଯାଇଛି।

# ଲିଙ୍ଗଗତ ସମ୍ବେଦନଶୀଳ କାର୍ଯ୍ୟକ୍ରମ

**ଫୁଲବାଣୀ ଅଫିସ, ୨୮।୧୨**

ଫିରିଙ୍ଗିଆ ବ୍ଲକ୍ ବନ୍ଧଗଡ଼ସ୍ଥିତ ସ୍ୱାତୀ ତାଲିମ୍ କେନ୍ଦ୍ରଠାରେ ଲିଙ୍ଗଗତ ସମ୍ବେଦନଶୀଳ ଗ୍ରାମପଞ୍ଚାୟତ ବିକାଶ ଓ ଯୋଜନାର ୩ ଦିନିଆ ତାଲିମ୍ ଶିବିର ଆୟୋଜିତ ହୋଇଯାଇଛି। ମନୋଜକୁମାର ପ୍ରଧାନ ଯୋଗଦେଇ ତାଲିମାର୍ଥୀମାନଙ୍କୁ ଲିଙ୍ଗଗତ ସମ୍ବେଦନଶୀଳତା ବୁଝି ଏକ ପଞ୍ଚାୟତସ୍ତରୀୟ ବିକାଶ ଯୋଜନା ପ୍ରସ୍ତୁତ ପାଇଁ ଆହ୍ୱାନ କରିଥିଲେ। ସାଡିଙ୍ଗିଆ, ସୁମରବନ୍ଧ, ଜାଯେଶପାଙ୍ଗା, ଡିମିରିଗୁଡା, ପାଙ୍ଗା ଆଦି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି, ଆଶା, ଅଙ୍ଗନୱାଡ଼ି କର୍ମୀ, ମହାସଂଘର ସଭ୍ୟା, ସରପଞ୍ଚ,



କାର୍ଯ୍ୟକ୍ରମରେ ଉପସ୍ଥିତ ତାଲିମାର୍ଥୀ।

ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ଯୋଗଦେଇ ତାଲିମ୍ ନେଇଥିଲେ। ସ୍ୱାତୀ ସଂଯୋଜକ ବିଶ୍ୱରଞ୍ଜନ କର ତାଲିମ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ତାଲିମ୍‌ଦାତା ଭାବେ ନିତ୍ୟାନନ୍ଦ ପ୍ରଧାନ, ନିରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ।

ଆନ୍ତଃ କଲେଜ ବଲ୍ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ

# ବାଳିକାରେ ବାଲିଗୁଡ଼ା, ବାଳକରେ ବ୍ରହ୍ମପୁର ସିଟି କଲେଜ ଚାମ୍ପିୟନ



ଚାମ୍ପିୟନ୍ ବାଲିଗୁଡା ବାଳିକା ଟିମ୍ ସହ ଅତିଥିମାନେ।

**ଆସିକା,୨୮।୧୧(ଡି.ଏନ୍.ଏ.)**

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନବିସି କଲେଜ ପରିସରରେ ବୁଧବାରଠାରୁ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ବଲ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି । ବାଳିକା ବିଭାଗରେ ବାଲିଗୁଡା ଆଦିବାସୀ କଲେଜ ଓ ବାଳକ ବିଭାଗରେ ବ୍ରହ୍ମପୁର ସିଟି କଲେଜ ଚାମ୍ପିୟନ ହୋଇଛି। ଫାଇନାଲରେ ବାଲିଗୁଡା ଆଦିବାସୀ କଲେଜର ବାଳିକା ଦଳ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପିଜି ଦଳକୁ ୨-୧ ରେ ପରାସ୍ତ କରି ବିଜୟୀ ହୋଇଥିଲା ବେଳେ ସିଟି କଲେଜ ବ୍ରହ୍ମପୁର ଦଳ ଆଦିବାସୀ କଲେଜ ବାଲିଗୁଡା ବାଳକ ଦଳକୁ ୨-୧ ରେ ପରାସ୍ତ କରି ବିଜୟୀ ହୋଇଛି। ଉଦଯାପନୀ ସଭାରେ ଏନବିସି କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ଆପଟ୍ଟ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ସିଲ୍ଡ ଦେଇ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ବିଷୋୟୀ, ପ୍ରକାଶ ଚନ୍ଦ୍ର ପଣ୍ଡା, ସଞ୍ଜୟ ସାହୁ, ରବି ମିଶ୍ର ପ୍ରମୁଖ ଯୋଗଦେଇଥିଲେ । କେନ୍ଦୁପଦର କଲେଜ କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳନା ହୋଇଥିଲା ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ